# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 January - 2025

### News Editor : Itishree Singh Rathaur

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ; କହିଲେ ମୁଖ୍ୟମନ୍ତ୍ରୀ

– କୋଣାର୍କରେ ଉଦ୍‌ଘାଟିତ ହେଲା ଦୁଇଦିନିଆ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ

- ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଭାବେ ଦାୟିତ୍ୱ ଗ୍ରହଣ କଲେ ଜଷ୍ଟିସ ଅରିନ୍ଦମ ସିହ୍ନା

- ରାଜ୍ୟରେ ଆସନ୍ତା ୨୪ ତାରିଖରୁ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ରାଉରକେଲାରେ ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମୁକାବିଲା

*BBSR/R*

# କୋଣାର୍କ- ଖଣି ସମ୍ମିଳନୀ

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖଣି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କୋଣାର୍କରେ ଆୟୋଜିତ ଦୁଇଦିନିଆ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ଭରପୁର ଖଣିଜ ସମ୍ପଦ ରହିଛି, ବାସ୍ତବରେ ଓଡ଼ିଶା ରତ୍ନଗର୍ଭା ବୋଲି ଶ୍ରୀ ମାଝୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବେଶକୁ କ୍ଷତି ନ ପହଞ୍ଚାଇ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଅଧକ୍ଷତା କରି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଶାନ ରେଡ୍ଡୀ କହିଛନ୍ତି, ଖଣି ଜୀବନର ଆଧାର । ବିଜୁଳି, ନବୀକରଣ ଶକ୍ତି, ପ୍ରଯୁକ୍ତିବିଦ୍ୟା ଆଦି ପାଇଁ ପ୍ରାକୃତିକ ସମ୍ପଦର ଆବଶ୍ୟକତା ରହିଥାଏ । କେନ୍ଦ୍ର ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା କୋଇଲା ଉତ୍ପାଦନ ବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଦେଶରେ କୋଇଲା ଉତ୍ପାଦନ ୭୬ ପ୍ରତିଶତ ବୃଦ୍ଧି ପାଇଛି । ଦେଶର ବିକାଶ ପାଇଁ

ଖଣି  ଓ କୋଇଲା କ୍ଷେତ୍ରରେ ବିଭିନ୍ନ ସଂସ୍କାର ଅଣାଯାଇଛି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି...

**- V/O -**

ସୂଚନା ଅନୁସାରେ, ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ଉପମୁଖ୍ୟମନ୍ତ୍ରୀ, ଖଣି ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେଇଛନ୍ତି ।

***CTC***

# ମୁଖ୍ୟବିଚାରପତିଙ୍କ ଦାୟିତ୍ୱ ଗ୍ରହଣ

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଆଜି ଜଷ୍ଟିସ ଅରିନ୍ଦମ ସିହ୍ନା ଦାୟିତ୍ୱ ଗ୍ରହଣ କରିଛନ୍ତି । ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କ କାର୍ଯ୍ୟକାଳ  ଗତକାଲି ଶେଷ ହେବା ପରେ ଶ୍ରୀ ସିହ୍ନା ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଜଷ୍ଟିସ ସିହ୍ନା ୧୯୯୧ ମସିହା ମାର୍ଚ୍ଚ ୧୧ ତାରିଖରେ କୋଲକାତା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ୨୦୧୩ରେ ଶ୍ରୀ ସିହ୍ନା କୋଲକାତା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ପରେ ସେ କୋଲକାତା ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ । ୨୦୨୧ ମସିହା ଅକ୍ଟୋବର ମାସରେ ଜଷ୍ଟିସ ସିହ୍ନା ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଥିଲେ ।

*HS*

## ଚାଖୀ ଖୁଣ୍ଟିଆ ଜନ୍ମଜୟନ୍ତୀ

ଓଡ଼ିଶାର ମହାନ୍ ବିପ୍ଲବୀ ଚନ୍ଦନ ହଜୁରୀ ଓରଫ୍ ଚାଖୀ ଖୁଣ୍ଟିଆଙ୍କ ଜନ୍ମଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ମରଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଚାଖୀ ଖୁଣ୍ଟିଆଙ୍କ ବୀରତ୍ୱର ଗାଥା, ପରାକାଷ୍ଠା ଏବଂ ସାହସ ଇତିହାସରେ ଏକ ସ୍ୱତନ୍ତ୍ର ପୃଷ୍ଠା ମଣ୍ଡନ କରିଥିବା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଚାଖୀ ଖୁଣ୍ଟିଆଙ୍କୁ ଭାରତ ମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଭାବେ ଅଭିହିତ କରି ତାଙ୍କର ସ୍ମୃତିଚାରଣ କରିଛନ୍ତି।

ଭୁବନେଶ୍ୱରର କଳ୍ପନାଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

*I&PR*

## ଆନ୍ତଃରାଜ୍ୟ ଅଭିଯାନ

ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଓଡ଼ିଶା ଏବଂ ଛତିଶଗଡ଼ ପୁଲିସ ଓ ସିଆର୍‌ପିଏଫ୍ ଯବାନ୍‌ଙ୍କ

ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନ ଆରମ୍ଭ ହୋଇଛି। ଗତକାଲି ରାତିରେ ନୂଆପଡ଼ା ଜିଲ୍ଲା  ସୀମାଠାରୁ କିଛି କିଲୋମିଟର ଦୂରରେ ଥିବା କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଲୁଚି ରହିଥିବା ଗୁଇନ୍ଦା ସୂଚନା ମିଳିଥିଲା। ସୂଚନା ଅନୁଯାୟୀ, ପୁଲିସ ଓ ସିଆରପିଏଫ୍ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିବା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

***BBSR/R***

# ପିଏମ୍ ଆବାସ ଗ୍ରାମୀଣ ଯୋଜନା

ରାଜ୍ୟରେ ଥିବା ବାସହୀନ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ଘର ଯୋଗାଇଦେବା ପାଇଁ ଆସନ୍ତା ଶୁକ୍ରବାର ୨୪ ତାରିଖରୁ ସର୍ଭେ ଆରମ୍ଭ ହେବ। ସର୍ଭେ ଦେଢ଼ରୁ ଦୁଇ ମାସ ଚାଲିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ସହିତ ସାମାଜିକ

ଗଣମାଧ୍ୟମରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଜଣାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

**- V/O –**

***Desk***

# ଏଆଇପିଓସି ଅଧିବେଶନ

ଅଖିଳ ଭାରତୀୟ ପ୍ରିଜାଇଡିଂ ଅଫିସର ସମ୍ମିଳନୀ ଏ.ଆଇ.ପି.ଓ.ସିର ୮୫ତମ ଅଧିବେଶନ ଆଜିଠାରୁ ବିହାରର ପାଟନାଠାରେ ଆରମ୍ଭ ହୋଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବାଚସ୍ପତି ଓମ୍ ବିର୍ଲା ବିହାର ବିଧାନସଭାର କେନ୍ଦ୍ରୀୟ ହଲ୍‌ରେ ଉଦ୍‌ଘାଟନ କରିଛନ୍ତି । ଦୀର୍ଘ ୪୩ବର୍ଷ ପରେ ବିହାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ, ଲୋକସଭା ଏବଂ ରାଜ୍ୟସଭାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି ।

***Puri***

# ଡଲଫିନ୍ ଗଣନା

ଚିଲିକା ବନ୍ୟପ୍ରାଣୀ ଡିଭିଜନ୍‌ର ସାତପଡ଼ା ଓ ବାଲୁଗାଁ ରେଞ୍ଜରେ ଆଜିଠାରୁ ଡଲଫିନ୍ ଗଣନା ଆରମ୍ଭ ହୋଇଛି । ସକାଳ ୬ଟାରୁ ଆରମ୍ଭ ହୋଇଥିବା ଗଣନା କାର୍ଯ୍ୟ ଅପରାହ୍ନ ୧୨ଟାରେ ଶେଷ ହୋଇଛି । ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା ଜାରି ରହିବ। ଗଣନା କାର୍ଯ୍ୟରେ

୧୮ଟି ଟିମ୍ ନିୟୋଜିତ ହୋଇଛନ୍ତି । ପ୍ରତି ଟିମ୍‌ରେ ୫ରୁ ୬ ଜଣ ସଦସ୍ୟ ସମେତ ଦୁଇ ଜଣ ଡଙ୍ଗା ଚାଳକ ସାମିଲ ଅଛନ୍ତି । ଜିପିଏସ୍ ସିଷ୍ଟମ ଓ ବାଇନାକୁଲାର ମାଧ୍ୟମରେ ଡଲଫିନ୍ ଗଣନା କରାଯାଉଛି । ଡଲଫିନ୍ ଗଣନା ଚାଲିଥିବାରୁ ଚିଲିକାରେ ମତ୍ସ୍ୟଜୀବୀ ଓ ଯାତ୍ରୀବାହୀ ଡଙ୍ଗା ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ।

***Ganjam***

## ଗଞ୍ଜାମ- ପକ୍ଷୀଗଣନା

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବନ ବିଭାଗ ପକ୍ଷରୁ ପକ୍ଷୀଗଣନା କାର୍ଯ୍ୟ ଶେଷ ହୋଇଯାଇଛି । ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଳାଶୟକୁ ୮୦ ପ୍ରଜାତିର ୩ ହଜାର ୮୨୦ରୁ ଅଧିକ ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଛି । ପକ୍ଷୀ ଗଣନା ପାଇଁ ୧୨ଟି ୟୁନିଟ୍ ଗଠନ କରାଯାଇଥିଲା । ପ୍ରତି ୟୁନିଟ୍‌ରେ ୩ ଜଣ ତାଲିମପ୍ରାପ୍ତ ବ୍ୟକ୍ତି ରହିଥିଲେ ।

***BHK***

## ମାଣ୍ଡିଆ ମଣ୍ଡି

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଛି । ବ୍ଲକରେ ୧୩୬ ଜଣ ଚାଷୀ ୫୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଛନ୍ତି । ଏହି ଚାଷୀମାନେ ସେମାନଙ୍କର ଉତ୍ପାଦିତ ମାଣ୍ଡିଆକୁ ସରକାରୀ ଖୁଚୁରା ଦରରେ ବିକ୍ରି କରୁଛନ୍ତି ।

*Kandhamal*

## ଷ୍ଟ୍ରବେରୀ

କନ୍ଧମାଳର ଷ୍ଟ୍ରବେରୀ ଫଳ ଏବେ ବଜାରରେ ଉପଲବ୍ଧ ହେଉଛି। ସେଠାରେ ଚାଷୀମାନେ ଷ୍ଟ୍ରବେରୀ ଚାଷ କରି ଲାଭବାନ ହେଉଥିବାରୁ ଏହି ଚାଷର ଚାହିଦା ବୃଦ୍ଧି ପାଇଛି। ଦୁଇ ବର୍ଷ ତଳେ ପରୀକ୍ଷାମୂଳକ ଭାବେ ଜିଲ୍ଲାରେ ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଥିଲା। ଜିଲ୍ଲାର ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ସହାୟତା ପ୍ରଦାନ କରୁଛି। କନ୍ଧମାଳ ଜିଲ୍ଲାର ଜଳବାୟୁ ଏହି ଚାଷ ପାଇଁ ଅନୁକୂଳ ହେଉଥିବାରୁ ଚାଷୀମାନେ ଲାଭବାନ ହେଉଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

*Rayagada*

## ଶିଳ୍ପ ତାଲିମ କେନ୍ଦ୍ର

ରାୟଗଡ଼ା ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ଜାତୀୟ ପ୍ରଧାନମନ୍ତ୍ରୀ ଶିକ୍ଷାନବିଶ ମେଳା-୨୦୨୫ ଅନୁଷ୍ଠିତ ହୋଇଛି।  ଏହି ମେଳାରେ ୮ଟି ଶିଳ୍ପ ସଂସ୍ଥା ଯୋଗ ଦେଇଥିଲେ।

*Nabarangpur*

## ଶିକ୍ଷା ନବିଶ ମେଳା

ନବରଙ୍ଗପୁର ଜିଲ୍ଲା ଉମରକୋଟ ସରକାରୀ ଆଇଟିଆଇରେ ଆଜି ଶିକ୍ଷା ନବିଶ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୫୦ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ।  ଏହି ମେଳା ପାଇଁ ୨୫ଟି ବିଭିନ୍ନ ବିଭାଗ ଓ ଅନୁଷ୍ଠାନ କୁ ଅନୁବନ୍ଧିତ କରାଯାଇଛି।

*Nuapada*

# ରକ୍ତଦାନ ଶିବିର

ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ରକ୍ତଦାନ ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି ।

*Desk*

# ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଆଜି ଶ୍ରାଚୀ ରାଢ ବେଙ୍ଗଲ ଟାଇଗର୍ସ ଏବଂ ସୁର୍ମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଏହି ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବ। ଏହି ବର୍ଗର ଗତକାଲିର ମ୍ୟାଚ୍‌ରେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ' ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ୩-୨ ସୁଟ୍‌ଆଉଟ୍ ଗୋଲ୍‌ରେ ପରାସ୍ତ କରିଥିଲା ।

ମହିଳା ବର୍ଗରେ ଆଜି ଜେ.ଏସ୍.ଡବ୍ଲୁ ସୁରମା ହକି କ୍ଲବ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ । ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଖେଳାଯିବ । ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଅନୁଷ୍ଠିତ ଗତକାଲି ଏହି ବର୍ଗର ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ ୪-୧ ଗୋଲ୍‌ରେ ଶ୍ରାଚୀ ରାଢ ବେଙ୍ଗଲ

ଟାଇଗର୍ସଙ୍କୁ ହରାଇ ବିଜୟ ହାସଲ କରିଥିଲା । ଏହି ବିଜୟ ଫଳରେ ୮ ପଏଣ୍ଟ ହାସଲ କରି ଓଡ଼ିଶା ଓ୍ୱାରିଅର୍ସ ତାଲିକାର ଶୀର୍ଷରେ ପହଞ୍ଚିଛି ।

***MET***

## ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି । ଗତକାଲି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ କନ୍ଧମାଳ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************